**PRESS MONITOR**

Publication : Prajatantra
Edition : Bhubaneswar
Date : April 22, 2017

# ମୁନ୍-ବୋ ପକ୍ଷରୁ ଆକେଲସ୍ ପ୍ରିମିୟମ୍ ୱାଟର ପ୍ୟୁରିଫାଏରର ବଜାର ପ୍ରବେଶ

ଭୁବନେଶ୍ୱର, ୨୧।୪ (ନି.ପ୍ର) : ମୁନ୍-ବୋ ୱାଟର ପ୍ୟୁରିଫାଏର ପକ୍ଷରୁ ଏହାର ଉତ୍ପାଦ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯିବା ସହିତ ସମ୍ପ୍ରତି ଷ୍ଟାଇଲିସ୍ ଏବଂ କମ୍ପାକ୍ଟ ୱାଟର ପ୍ୟୁରିଫାଏର ଆକେଲସ୍ ପ୍ରିମିୟମ୍‌ର ବଜାର ପ୍ରବେଶ କରାଯାଇଛି। ଏହି ନୂତନ ୱାଟର ପ୍ୟୁରିଫାଏରରେ ଟଚ୍ ବେସଡ୍ ୟୁଜର ଇଂଟରଫେସ୍ ଏବଂ ଦୁଇଟି ଟିଡିଏସ୍ ସ୍ତରୀୟ ଏଲଇଡି ଇଣ୍ଡିକେଟର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ରହିଛି। ଏହା ଇନ୍‌ପୁଟ୍/ଆଉଟ୍‌ପୁଟ୍ ୱାଟର କ୍ୱାଲିଟି ଯାଂଚ କରିଥାଏ। ଆକେଲସ୍ ପ୍ରିମିୟମ୍‌ରେ ଲାଟେଷ୍ଟ ହେକ୍ସାପ୍ୟୁର ଜ୍ଞାନକୌଶଳ ରହିଛି ଯାହାକି ୬ସ୍ତରୀୟ ପ୍ୟୁରିଫିକେସନ୍ ପ୍ରଣାଳୀ ଉପଲବ୍ଧ କରାଇଥାଏ। ଫଳରେ ପାଣିରୁ ସମସ୍ତ ଜର୍ମ ଏବଂ ବ୍ୟାକ୍ଟେରିଆ ବାହାରି ଯାଇଥାନ୍ତି। ଏହା ଖଣିଜ ପଦାର୍ଥ ଫୋର୍ଟିଫିକେସନ୍ ମିଶ୍ରଣ କରିବା ସହିତ ଜଳରେ ଆବଶ୍ୟକ ପୋଷକ ତତ୍ତ୍ୱ ମିଶ୍ରିତ କରିଥାଏ। ଏହି ଆକେଲସ୍ ପ୍ରିମିୟମ୍ ମଡେଲର ରଙ୍ଗ ବ୍ଲାକ୍ ରହିଥିବାବେଳେ ଏଥିରେ କ୍ରୋମ୍ ପ୍ଲେଟେଡ୍ ଟଚ୍ ପ୍ୟାନେଲ୍ ରହିଛି। ଏଥିରେ ୨ ଲିଟର ଜଳ ସଂରକ୍ଷିତ ରହିପାରିବ ଏବଂ ଏହାକୁ ସହଜରେ ରେଫ୍ରିଜେରେଟର ମଧ୍ୟରେ ରଖାଯାଇ ପାରିବ। ଏହାକୁ ସର୍ଭିଂ କଣ୍ଟେନର ଭାବରେ ବ୍ୟବହାର କରାଯାଇପାରିବ। ଏହି ଜଗ୍‌ରେ ଦୁଇ ତୃତୀୟାଂଶ ଜଳ ଗଚ୍ଛିତ ରହିବା ପରେ ଏହା ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥାଏ। ଏହି ମଡେଲ୍ ଗ୍ରାହକଙ୍କୁ ବିଶେଷ ଆକର୍ଷିତ କରିପାରିବ। ଏହି ମଡେଲର ମୂଲ୍ୟ ୨୧,୪୯୦ ଟଙ୍କା ରହିଛି।

